# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 September – 2025

*********************************

## ମୁଖ୍ୟ ସମ୍ବାଦ

- ସରକାର ଗରିବ, ବଞ୍ଚିତ ଏବଂ ପଛୁଆବର୍ଗଙ୍କୁ ମୌଳିକ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ଝାରସୁଗୁଡ଼ାଠାରେ ୫୦ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କଲେ ଶିଳାନ୍ୟାସ ଓ ଶୁଭାରମ୍ଭ

- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଲା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା

ଏବଂ

- ରାଜ୍ୟର କୌଣସି ସ୍ଥାନରେ ବନ୍ୟାସ୍ଥିତି ନ ଥିବା ଜଳ ସମ୍ପଦ ବିଭାଗର ସୂଚନା

Jharsuguda/Sambalpur

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ସରକାର ଗରିବ, ବଞ୍ଚିତ, ପଛୁଆବର୍ଗ ଏବଂ ଆଦିବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିନିକିଆ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ା ଜିଲ୍ଲାର ଅମଲିପାଲି ପଡ଼ିଆଠାରେ ଦେଶର ଭିତ୍ତିଭୂମି ଏବଂ ଡିଜିଟାଲ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ୫୦ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଆଗାମୀ ଦଶନ୍ଧି ଓଡ଼ିଶା ପାଇଁ ସମୃଦ୍ଧି ଆଣିବ। ଓଡ଼ିଶାକୁ ସମୃଦ୍ଧ ରାଜ୍ୟଭାବେ ପରିଣତ କରିବା ପାଇଁ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆଗାମୀ ଦିନରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ହେବ, ଯାହା ରାଜ୍ୟକୁ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରସର କରାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସମ୍ବଲପୁର ଠାରୁ ସର୍ଲା ପର୍ଯ୍ୟନ୍ତ ୨୭୩ କୋଟି ଟଙ୍କାର ରେଳ ଫ୍ଲାଏଓଭର, ଭୁବନେଶ୍ୱର ଆଇ.ଆଇ.ଟି'ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ଇ.ଏସ୍.ଡି.ଏମ୍ ପାର୍କ ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଚିପ୍‌ଠାରୁ ଆରମ୍ଭ କରି ସିପ୍ ପର୍ଯ୍ୟନ୍ତ

ସମସ୍ତ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱଦେଶୀ ଜ୍ଞାନକୌଶଳରେ ସିପ୍ ନିର୍ମାଣ ପାଇଁ ୧୭ ହଜାର କୋଟି ଟଙ୍କାର ଅର୍ଥରାଶିକୁ ପ୍ରଧାନମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି।

ଶ୍ରୀ ମୋଦୀ ୮ଟି ଆଇ.ଆଇ.ଟି'ର ଭିତ୍ତିଭୂମି ସମ୍ପ୍ରସାରଣ କରିଛନ୍ତି। ଓଡ଼ିଶାରେ ଦକ୍ଷତା ବିକାଶକୁ ଆଗେଇ ନେବା ପାଇଁ ୧ ହଜାର ୯୭୯ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବି.ଏସ୍.ଏନ୍.ଏଲ୍. ଦ୍ୱାରା ୯୭ ହଜାର ୫୦୦ରୁ ଊର୍ଦ୍ଧ୍ୱ ନୂତନ ଫୋର୍-ଜି ମୋବାଇଲ ଟାୱାରର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ଏହି ଟାୱାର ଦୂରଦୂରାନ୍ତ, ଗ୍ରାମାଞ୍ଚଳ ଏବଂ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ମୋବାଇଲ ଇଣ୍ଟରସେବାକୁ ଉନ୍ନତ କରିବ। ବ୍ରହ୍ମପୁରରୁ ସୁରଟ୍‌ର ଉଧନା ମଧ୍ୟରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଅମୃତ ଭାରତ ଏକ୍ସପ୍ରେସ୍‌କୁ ଶୁଭାରମ୍ଭ କରିଛନ୍ତି।

ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଓଡ଼ିଶାରେ ୫୦ ହଜାର ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ୧୩୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନରେ ୱାଇ.ଫାଇ ସୁବିଧାର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ଏବଂ ଗଞ୍ଜାମର ବ୍ରହ୍ମପୁରସ୍ଥିତ ମହାରାଜ କୃଷ୍ଣଚନ୍ଦ୍ର ଗଜପତି

ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ବିଶ୍ୱସ୍ତରୀୟ ସୁପର ସ୍ପେଶିଆଲିଟି ଚିକିତ୍ସାଳୟରେ ରୂପାନ୍ତରଣ ପାଇଁ ୩ ହଜାର କୋଟି ଟଙ୍କା ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହା ରାଜ୍ୟର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

**- V/O -**

କାର୍ଯ୍ୟକ୍ରମ ଶେଷ ହେବାପରେ ଅପରାହ୍ନରେ ଶ୍ରୀ ମୋଦୀ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି।

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୬ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

Desk

# ଓଟିଇଟି

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଆଜି ଅନୁଷ୍ଠିତ ହୋଇଛି । ଦୁଇଟି ପର୍ଯ୍ୟାୟରେ ସକାଳ ୯ଟାରୁ ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ।

Desk

# ସେବାପର୍ବ-ଆଚିଭ୍‌ମେଣ୍ଟ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର 'ଏକ ଭାରତ, ଶ୍ରେଷ୍ଠ ଭାରତ' ପ୍ରୟାସ ମାଧମରେ ବିବିଧତାରେ ଏକତା, ସଂସ୍କୃତି, ପରମ୍ପରା ଏବଂ ପାରସ୍ପରିକ ବନ୍ଧନକୁ ସୁଦୃଢ଼ କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ....

ଭାରତ ବର୍ଷରେ ଶହ ଶହ ଉପଭାଷା ଏବଂ ଅନେକ ଭାଷାର ଲୋକେ ଏକତ୍ର ବସବାସ କରିଥାନ୍ତି । ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଅନନ୍ୟ ବେଶ, ପୋଷାକ, ଖାଦ୍ୟପେୟ ଓ ଚାଲିଚଳଣି ରହିଛି । ଏହା ମଧ୍ୟରେ ମଧ୍ୟ ଭାତୃତ୍ୱ ଭାବ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ । ଏହି ଭାବନାକୁ

ଆହୁରି ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ୨୦୧୫ ମସିହାରେ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ପରିକଳ୍ପନା କରାଯାଇଥିଲା । ଏ ସମ୍ପର୍କରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ...

**V/O (PM)**

ଭାରତୀୟ ସଂସ୍କୃତି ଏବଂ ପରମ୍ପରା ସମଗ୍ର ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିଛି । ସ୍ଥାନୀୟ ଉତ୍ପାଦ କେବଳ ଆଞ୍ଚଳିକ ସ୍ୱତନ୍ତ୍ରତାକୁ ସଂରକ୍ଷଣ କରନ୍ତି ନାହିଁ, ବରଂ ଗୋଟିଏ ରାଜ୍ୟ ସହ ଅନ୍ୟ ରାଜ୍ୟକୁ ସଂଯୋଗର ସେତୁ ଭାବେ କାର୍ଯ୍ୟ କରିଥାନ୍ତି । ଯାହା ଜନସାଧାରଣଙ୍କୁ ପରସ୍ପରର ନିକଟତର କରାଇଥାଏ । 'ଏକ ଭାରତ, ଶ୍ରେଷ୍ଠ ଭାରତ' ପ୍ରଧାନମନ୍ତ୍ରୀଙ୍କ ଏକ ଅନନ୍ୟ ପ୍ରୟାସ, ଯାହା ଗୋଟିଏ ରାଜ୍ୟର ଲୋକଙ୍କୁ ଅନ୍ୟ ରାଜ୍ୟର ସଂସ୍କୃତି ଏବଂ ଲୋକ ପରମ୍ପରାକୁ ଅନୁଭବ କରିବାର ସୁଯୋଗ ଆଣି ଦେଇଛି ।

**Seba Parba Closing**

Desk

## ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ପରବର୍ତ୍ତୀ ପିଢ଼ି ଦ୍ରବ୍ୟ ଓ ସେବାକର ସଂସ୍କାର ଗତ ୨୨ ତାରିଖରେ ଲାଗୁ କରିଛନ୍ତି । ଏହାକୁ ଜିଏସ୍‌ଟି ସଞ୍ଚୟ ଉତ୍ସବ ଭାବେ ପାଳନ କରାଯିବା ସହ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି । ନୂତନ ଜିଏସ୍‌ଟି ସଂସ୍କାରରେ

ସରକାର ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହନ ଦେବା ସହ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ନିବେଶ ବୃଦ୍ଧି କରିବା ଲକ୍ଷ୍ୟରେ ଟିକସ ହାରକୁ ହ୍ରାସ କରିଛନ୍ତି। ଜିମ୍ ଏବଂ ଫିଟନେସ୍ କେନ୍ଦ୍ରଗୁଡ଼ିକରେ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଯାହା ଲୋକଙ୍କ ପାଇଁ ଏକ ସୁସ୍ଥ ଜୀବନଶୈଳୀକୁ ସୁଲଭ କରିବ।

Boudh

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥାର ଆଇ.ଇ.ସି. କାର୍ଯ୍ୟକ୍ରମରେ ଏଚ୍.ଆଇ.ଭି. ଏଡ୍‌ସ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ଜିଲ୍ଲା ବୀରନରସିଂହପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଚ୍.ଆଇ.ଭି. ଏଡ୍‌ସର ଭୟାବହତା, ଏହାର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସଚେତନ କରିଥିଲେ।

Desk

## ମା’ କାତ୍ୟାୟିନୀ ବେଶ

ନବରାତ୍ରୀର ଷଷ୍ଠ ଦିନରେ ଆଜି ଦେବୀ ଦୁର୍ଗା ମା’ କାତ୍ୟାୟିନୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ମା’ ଦୁର୍ଗାଙ୍କୁ ଭିନ୍ନ ଭିନ୍ନ ବେଶରେ ପୂଜା କରାଯାଉଛି। କଟକର ପ୍ରସିଦ୍ଧ ମା’ ଚଣ୍ଡୀଙ୍କ ଗାୟତ୍ରୀ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

MET

# ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି । ଏହା ଆଜି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

HS/Desk

# ହୀରାକୁଦ ଜଳଭଣ୍ଡାର

ରାଜ୍ୟର କୌଣସି ସ୍ଥାନରେ ବନ୍ୟାସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ି କହିଛନ୍ତି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ, ବର୍ଷାର ପ୍ରଭାବ ଧୀରେ ଧୀରେ କମିବ। ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ମହାନଦୀ ସମେତ ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। କିନ୍ତୁ କୌଣସି ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉନାହିଁ। ବର୍ତ୍ତମାନ ହୀରାକୁଦର ୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି।

Gajapati/N.rangpur/BHK/Deogarh

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନର** ବାର୍ତ୍ତା ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି। ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପର୍ଯ୍ୟଟନ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ାଇବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି।

ଦେବଗଡ଼ ବିକାଶ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀରେ ବିକାଶ, ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା କରିଥିଲେ।

ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି।

ନବରଙ୍ଗପୁର ଜିଲ୍ଲା ସଂସ୍କୃତି ଭବନଠାରେ ପର୍ଯ୍ୟଟନ ଏବଂ ସ୍ଥାୟୀ ବିକାଶ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ଗଜପତି ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ଶୁଭାରମ୍ଭ କରିଥିଲେ ।